# NATIONAL NEWS BULLETIN (ODIA)
## 6 March - 2026
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ଗ୍ରାମୀଣ ଜନତା, କୃଷକ, ମହିଳା ଓ ଜନଜାତିଙ୍କୁ ସମବାୟ କ୍ଷେତ୍ର ମାଧ୍ୟମରେ ସଶକ୍ତ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି, କହିଲେ କେନ୍ଦ୍ର ସମବାୟ ମନ୍ତ୍ରୀ ।
- ବର୍ତ୍ତମାନର ଅନିଶ୍ଚିତତା ଯୁଗରେ ଆତ୍ମନିର୍ଭରତା ହିଁ ବିକାଶର ମୂଳମନ୍ତ୍ର' ପ୍ରତିରକ୍ଷା ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ଦେଶର ରପ୍ତାନୀ କ୍ଷେତ୍ରକୁ ଅଧିକ ସୁସଂହତ କରିବା ଦିଗରେ ଶିକ୍ଷାର ଉଲ୍ଲେଖନୀୟ ଅବଦାନ ଉପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ପ୍ରକାଶ ପାଇଲା କେନ୍ଦ୍ରୀୟ ପ୍ରଶାସନିକ ସେବା ୨୦୨୫ର ଫଳାଫଳ ।

ଏବଂ

- ଆସନ୍ତା ୨୬ରୁ ଛତିଶଗଡ଼ରେ ଆରମ୍ଭ ହେବ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ।

# ଅମିତ ଶାହା

ଦେଶର କୃଷି ତଥା ସମବାୟ କ୍ଷେତ୍ରର ସାମଗ୍ରୀକ ବିକାଶ ଦିଗରେ ଇଫ୍‌କୋର ଏକ ଉଲ୍ଲେଖନୀୟ ଭୂମିକା ରହିଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ପାରାଦ୍ୱୀପ ସ୍ଥିତ ଇଫ୍‌କୋ ପରିସରରେ ଏକ ନୂତନ ସଲ୍‌ଫୁରିକ୍ ପ୍ଲାଣ୍ଟର ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଇଫ୍‌କୋ ମାଧ୍ୟମରେ ପ୍ରାୟ ୫ କୋଟି କୃଷକ ପରିବାର ଉପକୃତ ହେଉଛନ୍ତି । ଏହି ସଲ୍‌ଫ୍ୟୁରିକ୍ ପ୍ଲାଣ୍ଟ ମାଧ୍ୟମରେ ଉତ୍ପାଦନ ବୃଦ୍ଧି କରାଯିବା ସହିତ ଆମଦାନୀ ହେଉଥିବା ପ୍ରାୟ ୬ ଲକ୍ଷ୍ୟ ମେଟ୍ରିକ୍ ଟନ୍ ସଲ୍‌ଫ୍ୟୁରିକ୍ ଏସିଡ୍‌ର ପରିମାଣକୁ ହ୍ରାସ କରାଯାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ସେ କହିଛନ୍ତି, ଦେଶକୁ ଆତ୍ମନିର୍ଭର କରିବା ଲାଗି ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ସାମଗ୍ରୀର ସ୍ୱଦେଶୀ ଉତ୍ପାଦନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି । ଏହାଦ୍ୱାରା ଭାରତ ବିଭିନ୍ନ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର କରିବାର ପ୍ରକ୍ରିୟା କ୍ରମଶଃ ହ୍ରାସ ପାଇବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟା ଦ୍ୱାରା ଓଡ଼ିଶାର ଗ୍ରାମୀଣ ଜନତାଙ୍କର ଜୀବନଶୈଳୀକୁ ସମବାୟ କ୍ଷେତ୍ର ମାଧ୍ୟମରେ ସଶକ୍ତ କରିବେ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଓଡ଼ିଶାର ସାମଗ୍ରିକ ବିକାଶ ତଥା ସମବାୟ କ୍ଷେତ୍ର ମାଧ୍ୟମରେ ଜନଜାତି, ମହିଳା, ମତ୍ସ୍ୟଚାଷୀ ଓ କୃଷକମାନଙ୍କର କଲ୍ୟାଣ ଲାଗି ସରକାରଙ୍କର ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି,

**VOAMIT-SHAH--IFCO**

ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଜି କଟକର ମୁଣ୍ଡୁଳି ସ୍ଥିତ କେନ୍ଦ୍ରୀୟ ଔଦ୍ୟୋଗୀକ ସୁରକ୍ଷା ବଳ ସି.ଆଇ.ଏସ୍.ଏଫ୍.ର ୫୭ ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି, ଆସନ୍ତା ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରାଯିବ । ଦେଶର ସୁରକ୍ଷାବଳ ପକ୍ଷରୁ ତିରୁପତିରୁ ପଶୁପତିନାଥ ପର୍ଯ୍ୟନ୍ତ ଲାଲ କରିଡ଼ରକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦିଆଯିବ । ଏ କ୍ଷେତ୍ରରେ ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା ସମେତ ବିଭିନ୍ନ ରାଜ୍ୟରେ ନକ୍ସଲ ବିରୋଧି ଅପରେସନ୍‌ରେ ସି.ଆଇ.ଏସ୍.ଏଫ୍.ର ଅବଦାନକୁ ସେ  ପ୍ରଶଂସା କରି କହିଛନ୍ତି ।

**VO-2-AMIT-SHAH—NAXALISM**

# ରାଜନାଥ ସିଂହ

ବର୍ତ୍ତମାନର ଅନିଶ୍ଚିତତା ଯୁଗରେ ଆତ୍ମନିର୍ଭରତା ହିଁ ବିକାଶର ମୂଳମନ୍ତ୍ର ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି କୋଲକାତା ଠାରେ ପ୍ରତିରକ୍ଷା ତଥା ସାମୁଦ୍ରିକ ସମ୍ମିଳନୀ ସାଗର ସଂକଳ୍ପକୁ

ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବା ଦିଗରେ ସରକାରଙ୍କର ପ୍ରତିଶ୍ରୁତିବଦ୍ଧତାକୁ ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଦୋହରାଇଛନ୍ତି । ସେ କହିଛନ୍ତି, ବିଶ୍ୱର ବର୍ତ୍ତମାନର ସ୍ଥିତି ଯୋଗୁଁ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ନୂତନ ସମିକରଣ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାଛଡ଼ା ଦେଶର ସାମୁଦ୍ରିକ ବ୍ୟାବସାୟିକ କାର୍ଯ୍ୟକଳାପ ନିରନ୍ତର ଭାବେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି ।

## V/O-4--RAJNATH-SINGH

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଦେଶର ପ୍ରତିରକ୍ଷା ଘରୋଇ ଉତ୍ପାଦନ କ୍ଷେତ୍ରରେ ସରକାରଙ୍କର ନିରନ୍ତର ପ୍ରଚେଷ୍ଟା ଯୋଗୁଁ ସଫଳତା ହସ୍ତଗତ ହେବାରେ ଲାଗିଛି । ଫଳରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି କ୍ଷେତ୍ରରେ ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ରେକର୍ଡ଼ ପରିମାଣର ଉତ୍ପାଦନ ହୋଇଥିଲା । ସେହିଭଳି ପ୍ରତିରକ୍ଷା ରପ୍ତାନୀ ପରିମାଣ ମଧ୍ୟ ଇତିମଧ୍ୟରେ ୨୪ ହଜାର କୋଟି ଟଙ୍କା ସ୍ପର୍ଶ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## VO-4-RAJNATH--DEFENCE-PRODUCTION

# ଗୋୟଲ-ଭିସି କନ୍‌କ୍ଲେଭ୍

ଭାରତର ରପ୍ତାନୀ କ୍ଷେତ୍ରକୁ ଅଧିକ ସୁସଂହତ କରିବା ଦିଗରେ ଶିକ୍ଷାର ଏକ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ୨୦୪୭ ବିକଶିତ ଭାରତ ଲାଗି ଉଚ୍ଚଶିକ୍ଷାର ଅନ୍ତଃରାଷ୍ଟ୍ରୀୟକରଣ ସମ୍ପର୍କିତ କୁଳପତିମାନଙ୍କର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗୋୟଲ କୁଳପତିମାନଙ୍କୁ ଭାରତର ଭବିଷ୍ୟତର ସ୍ଥାପତ୍ୟ ରୂପେ ବର୍ଣ୍ଣନା କରିବା ସହିତ ବିଶ୍ୱସ୍ତରରେ ଭାରତୀୟ ଶିକ୍ଷାର ଗୁଣାତ୍ମକମାନକୁ ପହଞ୍ଚାଇବା ଦିଗରେ ସହାୟକ ହେବେ ବୋଲି କହିଛନ୍ତି । କୁଳପତିମାନେ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିବା ଦିଗରେ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବାର ଦାୟିତ୍ୱ ବହନ କରୁଥିବା ଦୃଷ୍ଟିରୁ ଆଧୁନିକ ତଥା ବିକଶିତ ଦେଶ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବୋଲି ସେ କହିଛନ୍ତି । ଦେଶର ଶିକ୍ଷା ବ୍ୟବସ୍ଥାରେ ଏକ ଗୁଣାତ୍ମକ ସଂସ୍କାରଣ ଆଣିବା ଦିଗରେ ସରକାରଙ୍କ ସମନ୍ୱିତ ପ୍ରଚେଷ୍ଟା ଉପରେ ଆଲୋକପାତ କରି ଶ୍ରୀ ଗୋୟଲ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ଅବତାରଣା କରିଛନ୍ତି ।

ସେ କହିଛନ୍ତି, ଆନ୍ତର୍ଜାତିକ ବାଣିଜ୍ୟ ଏବଂ ଭାରତର ବିଭିନ୍ନ ମୁକ୍ତ ବାଣିଜ୍ୟ ରାଜିନାମାଗୁଡ଼ିକ ଶିକ୍ଷା କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇପାରିଲେ ବିଶ୍ୱ ଅର୍ଥନୀତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କର ଜ୍ଞାନ ଆହରଣ ଦିଗରେ ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ସିଏସ୍ଇ-ରେଜଲ୍ଟ

କେନ୍ଦ୍ରୀୟ ପ୍ରଶାସନିକ ସେବା ୨୦୨୫ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଗତ ବର୍ଷ ମେ ୨୫ ତାରିଖ ଦିନ କେନ୍ଦ୍ରୀୟ ଲୋକସେବା ଆୟୋଗ – ୟୁ.ପି.ଏସ୍.ସି.ଙ୍କ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ୯ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । ଏହି ପରୀକ୍ଷାରେ ମୋଟ୍ ୯୫୮ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରେ ୬୫୯ ଜଣ ପୁରୁଷ ଏବଂ ୨୯୯ ଜଣ ମହିଳା ଅନ୍ତର୍ଭୁକ୍ତ । ଏହି ପରୀକ୍ଷାରେ ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜେଶ୍ୱରୀ ଶୁଭେ ଦ୍ୱିତୀୟରେ ରହିଛନ୍ତି । ସେହିଭଳି ତୃତୀୟ ସ୍ଥାନରେ ଆକାଂଶ ଧୁଲ ରହିଛନ୍ତି ବୋଲି ୟୁ.ପି.ଏସ୍.ସି. ପକ୍ଷରୁ କୁହାଯାଇଛି ।

# ଖେଲୋ ଇଣ୍ଡିଆ-ମାଣ୍ଡବ୍ୟ

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୨୬ ତାରିଖରୁ ଛତିଶଗଡ଼ରେ ଆରମ୍ଭ ହେବ । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣଗୁଡ଼ିକ ରାଜ୍ୟର ରାୟପୁର, ଜଗଦଲପୁର ଏବଂ ସାର୍ଗୁଜାରେ ଅନୁଷ୍ଠିତ ହେବ । ଏହି କ୍ରୀଡ଼ା ପ୍ରତିଯୋଗିତା ଏପ୍ରିଲ୍ ୬ ତାରିଖ ଦିନ ଉଦ୍‌ଯାପିତ ହେବ । ଏଥିରେ ଆଥଲେଟିକ୍ସ, ଫୁଟବଲ୍, ହକି, ଭାରୋତ୍ତଳନ, ତୀରନ୍ଦାଜ, ସନ୍ତରଣ ଏବଂ କୁସ୍ତି ଭଳି ୭ଟି ବିଭାଗରେ ପ୍ରତିଯୋଗିତା ହେବ । କ୍ରୀଡ଼ା କ୍ଷେତ୍ରରେ ସାମୂହିକ ଅଂଶଗ୍ରହଣ ତଥା ଉତ୍କର୍ଷ କ୍ରୀଡ଼ାବିତ୍ ଗଢ଼ିତୋଳିବା ଦିଗରେ ସରକାରଙ୍କର ଖେଲୋ ଇଣ୍ଡିଆ ଯୋଜନାର ଅଂଶସ୍ୱରୂପ ଏହି ଜନଜାତି ପ୍ରତିଯୋଗିତା ଆୟୋଜିତ ହେଉଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

# ଇଣ୍ଡିଆ ଆମ୍ବାସି କାତାର

ପଶ୍ଚିମ ଏସିଆରେ ସୃଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି ଦୋହାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କାତାରରେ ବସବାସ କରୁଥିବା ସମସ୍ତ ଭାରତୀୟଙ୍କୁ ସ୍ଥାନୀୟ ସରକାରଙ୍କ  ନିର୍ଦ୍ଦେଶାବଳୀ ପାଳନ କରିବା ଲାଗି

ପରାମର୍ଶ ଦିଆଯାଇଛି । ଏହି ପରାମର୍ଶବଳୀରେ କୁହାଯାଇଛି, କାତାରର ଆନ୍ତଃ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜରୁରୀକାର୍ଯ୍ୟ ନ ଥିଲେ ବାହାରକୁ ଯିବାକୁ ବାରଣ କରାଯିବା ସହିତ ସୁରକ୍ଷିତ ସ୍ଥାନରେ ରହିବା ଲାଗି କୁହାଯାଇଛି । କାତାରର ଆକାଶପଥକୁ ବର୍ତ୍ତମାନ ବନ୍ଦ ରଖାଯାଇଛି ଏବଂ ସାମୟିକ ଭାବେ ସମସ୍ତ ପ୍ରକାର ବିମାନ ଚଳାଚଳକୁ ମଧ୍ୟ ବାତିଲ କରାଯାଇଛି । ଆସନ୍ତାକାଲି ସକାଳ ୯ଟାରେ କାତାର ଏୟାର୍‌ୱେଜ୍ ପକ୍ଷରୁ ଏ ସମ୍ପର୍କରେ ପରବର୍ତ୍ତି ସୂଚନା ପ୍ରଦାନ କରାଯିବ । ତେଣୁ ସମସ୍ତ ଯାତ୍ରୀ ସମ୍ପୃକ୍ତ ଏୟାର୍ ଲାଇନ୍ସ ସହିତ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି ।